ଅଡିଓ ଟେପ୍ ବିବାଦ: ଜେଡିଏସ୍ ବିଧାୟକଙ୍କ ପୁଅକୁ ଭେଟିଥିବା ମାନିଲେ ୟେଦ୍ୟୁରାପ୍ପା

ବେଙ୍ଗାଲୁରୁ,୧୦।୨/ଏଜେନ୍ସି: ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କ ଦ୍ୱାରା ଜାରି ହୋଇଥିବା ଅଡିଓ କ୍ଲିପରେ କର୍ଣ୍ଣାଟକ ବିଜେପି ସଭାପତି ବିଏସ୍ ୟେଦ୍ୟୁରାପ୍ପାଙ୍କ ସ୍ୱର ଅଛି ବୋଲି ସ୍ୱୟଂ ୟେଦ୍ୟୁରାପ୍ପା ସ୍ୱୀକାର କରିଛନ୍ତି। ରବିବାର ୟେଦ୍ୟୁରାପ୍ପା କହିଛନ୍ତି ଯେ ସେ ଜେଡିଏସ୍ ବିଧାୟକ ନାଗାନଗୌଡ଼ାଙ୍କ ପୁଅ ଶାରାନାଗୌଡ଼ାଙ୍କୁ ଦେବଦୁର୍ଗସ୍ଥିତ ବଙ୍ଗଳାରେ ଭେଟିଥିଲେ। କିନ୍ତୁ ଅଡିଓ ଟେପ୍‌ର କିଛି ଅଂଶକୁ କୁମାରସ୍ୱାମୀଙ୍କୁ ସୁହାଇବା ଭଳି ଢଙ୍ଗରେ କାଣ୍ଟଛାଣ୍ଟ କରାଯାଇଛି ବୋଲି ୟେଦ୍ୟୁରାପ୍ପା ଅଭିଯୋଗ କରିଛନ୍ତି। ପୂର୍ବରୁ କୁମାରସ୍ୱାମୀ ଜାରି କରିଥିବା ଅଡିଓ ଟେପ୍‌କୁ ନକଲି କହି ୟେଦ୍ୟୁରାପ୍ପା ଅଭିଯୋଗକୁ ଏଡ଼ାଇ ଯାଇଥିଲେ। ୟେଦ୍ୟୁରାପ୍ପା ପୁନର୍ବାର କହିଛନ୍ତି ଯେ ସେ କେବେ ବାଚସ୍ପତିଙ୍କୁ ୫୦ କୋଟି ଟଙ୍କା ଯାଚିନାହାନ୍ତି। ସେ ସେପରି କରିଥିବାର କେହି ପ୍ରମାଣ କରିଦେଲେ, ସେ ରାଜନୀତିରୁ ଅବସର ନେଇଯିବେ ବୋଲି ଚାଲେଞ୍ଜ କରିଛନ୍ତି।

ମୋଦୀ-ନାଇଡୁ ତୁତୁ ମେଁମେଁ

ଅମରାବତୀ, ୧୦।୨/ପିଟି : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଆନ୍ଧ୍ରପ୍ରଦେଶ ଗସ୍ତରେ ଯାଇ ଗୁଣ୍ଟୁରରେ ଏକ ରାଲିରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ ବ୍ୟକ୍ତିଗତ ଆକ୍ଷେପ କରିବାରୁ ଦୁହିଁଙ୍କ ମଧ୍ୟରେ ତୁତୁ ମେଁମେଁ ଆରମ୍ଭ ହୋଇଛି। ମୋଦୀ ନାଇଡୁଙ୍କୁ 'ଲୋକେଶଙ୍କ ବାପା' ବୋଲି ଆକ୍ଷେପ କରି କହିଥିଲେ। ଏହାର ଜବାବ ରଖିଛନ୍ତି ନାଇଡୁ ଓ ବିବାଦ ଭିତରକୁ ମୋଦୀଙ୍କ ପତ୍ନୀଙ୍କୁ ଟାଣିଛନ୍ତି। ସେ କହିଛନ୍ତି, ଆପଣଙ୍କର ପତ୍ନୀ ଆପଣଙ୍କ ଠାରୁ ଦୂରେଇ ଯାଇଛନ୍ତି। ପରିବାର ବ୍ୟବସ୍ଥା ପ୍ରତି ଆପଣଙ୍କର ସମ୍ମାନ ରହିଛି କି ? ନାଇଡୁ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କର ପୁଅ କିମ୍ବା ପରିବାର ନାହିଁ। ସେଇଥିପାଇଁ ସେ ମୋ ପୁଅର ନାମ ଉଚ୍ଚାରଣ କରି ମୋତେ ଆକ୍ଷେପ କରିଛନ୍ତି। ଏବେ ମୁଁ ଆପଣଙ୍କ ପତ୍ନୀଙ୍କ ସମ୍ପର୍କରେ ଉଲ୍ଲେଖ କରୁଛି। ନରେନ୍ଦ୍ର ମୋଦୀଙ୍କ ପତ୍ନୀଙ୍କ ନାମ ଯଶୋଦା ବେନ୍ ବୋଲି ଜନସାଧାରଣ ଜାଣନ୍ତି କି ? ବିଜୟୱାଡାରେ ଏକ ସାଧାରଣ ସଭାରେ ନାଇଡୁ ମୋଦୀଙ୍କୁ ଏଭଳି ପ୍ରତିଆକ୍ଷେପ କରିଛନ୍ତି।

ମେହେର ବାବାଙ୍କ ଶତବାର୍ଷିକୀ ପୂର୍ତ୍ତି ମହୋତ୍ସବ

ପୁରୀ,୧୦।୨/ଏନ୍ଏନ୍ଏସ୍: ବିଭିନ୍ନ ସମୟରେ ମାଧ୍ୱାଚାର୍ଯ୍ୟ, ବଲଭାଚାର୍ଯ୍ୟ, ନିମ୍ବକାଚାର୍ଯ୍ୟ, ନାନକ, ଚୈତନ୍ୟ, ଅତିବଡି ଜଗନ୍ନାଥ ଦାସଙ୍କ ଭଳି ସାଧୁସନ୍ଥ ଶ୍ରୀକ୍ଷେତ୍ରକୁ ଆଗମନ କରିଛନ୍ତି। ସେହିଭଳି ୧୦୦ବର୍ଷ ତଳେ ପୁରୀକୁ ଆଗମନ କରିଥିଲେ ସାଧୁ ମେହେର ବାବା। ଆଜି ସ୍ଥାନୀୟ ରେଳବାଇ ମେଳା ମଣ୍ଡପଠାରେ ବାବାଙ୍କ ଶ୍ରୀକ୍ଷେତ୍ର ଆଗମନର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବାବାଙ୍କ ଉଦ୍ଦେଶ୍ୟରେ ଆନ୍ଧ୍ର, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତମାନେ ବିଭିନ୍ନ ଭାଷାରେ ବାବାଙ୍କ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରତ୍ୟୁଷରେ ଭକ୍ତମାନେ ପଦଯାତ୍ରାରେ ମେହେରବାବାଙ୍କ ମାନବତାକୁ ଦର୍ଶାଇ ରେଲୱେ ମଣ୍ଡପଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଉତ୍କଳମଣି ଶିଶୁ ଶିକ୍ଷା କେନ୍ଦ୍ରର ଛାତ୍ରଛାତ୍ରୀମାନେ ବାବାଙ୍କ ଜୀବନାଦର୍ଶ ଉପରେ ନୃତ୍ୟସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷା ମନ୍ଦିରର ଅଧକ୍ଷ ରାମକୃଷ୍ଣଜୀ ଓ ସଚିବ ଜେ ନରେନ୍ଦ୍ର ପ୍ରସାଦ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

ଦ୍ୱିତୀୟ ପୃଷ୍ଠାରୁ...

୨୩୪ କୋଟିର...

ଫୁଲବାଣୀରେ ୧୦୦ ସିଟ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ, ଫୁଲବାଣୀ ମ୍ୟୁନିସିପାଲଟିର ୩ଟି ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେହିଭଳି ରାଇକିଆ-ଗଣ୍ଡଶିଳା ନାଳ-ସାରଙ୍ଗଗଡ଼ ଏବଂ ରାଇକିଆ-ସିମନବାଡ଼ି ରାସ୍ତା ଉନ୍ନତିକରଣ, ଜି.ଉଦୟଗିରି ପାଇପ ଜଳଯୋଗାଣ ସମ୍ପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ଦେଇଛନ୍ତି।

କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀ କନ୍ଧମାଳ ଷ୍ଟାଡ଼ିୟମ୍ ଠାରେ ଆଜି ବିଜୁ ଯୁବ ବାହିନୀର ଆଞ୍ଚଳିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇଥିବା ଯୁବକ ମାନଙ୍କୁ ସ୍ୱାବଲମ୍ବୀ, ସ୍ୱାଭିମାନ ଓ ସେବାଭାବି ହେବା ପାଇଁ ଆହ୍ୱାନ ଦେଇଥିଲେ। ଯୁବ ଶକ୍ତି ଜାଗି ଉଠିଲେ ଦେଶରେ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ପ୍ରକାଶ କରିବା ସହିତ ଦେଶ ଶକ୍ତିଶାଳୀ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୁଁ ବହୁତ ଖୁସି , ଆପଣ ମାନେ ଖୁସି ତ ବୋଲି ପ୍ରଶ୍ନରେ ଉପସ୍ଥିତ ଥିବା ହଜାରହଜାର ଯୁବ ବାହିନୀ ବହୁତ ଖୁସି ବୋଲି ଜୋର ପାଟିକରି କହିବା ପରେ ମୁଖ୍ୟମନ୍ତ୍ରୀ ସାମାନ୍ୟ ମୁରୁକି ହସିଥିଲେ। ଅନୁଷ୍ଠିତ ଏହି ସମାବେଶରେ କନ୍ଧମାଳ, ନୟାଗଡ଼, ଗଞ୍ଜାମ, ବୌଦ୍ଧ ଓ ଗଜପତି ଜିଲାରୁ ପ୍ରାୟ ୨୫ ହଜାର ଯୁବବର୍ଗ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଯୁବ ବାହିନୀର କାର୍ଯ୍ୟକାରୀ ଅଧକ୍ଷ ଅରୁପ ପଟ୍ଟନାୟକ ଯୁବ ମାନେ ନିଜ ଦକ୍ଷତା ବିଷୟରେ ନିଜେ ଜାଣିବା ଦରକାର ବୋଲି ପ୍ରକାଶ କରିବା ସହିତ ନିଜର ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ବିଜୁ ଯୁବ ବାହିନୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଜୁ ଯୁବ ବାହିନୀ ଗଠନ ପରେ ଯେଉଁ ସବୁ କାର୍ଯ୍ୟଚାଲିଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଜୁ ଯୁବ ବାହିନୀର ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟନଗରର ସଦସ୍ୟ ଦାଶରଥୀ ବେହେରା , ପୁରୁଷୋତ୍ତମପୁରର ଶ୍ରୀପଲା ଦାସ , ବୌଦ୍ଧ ଜିଲାର ରଶ୍ମିତା ସିଂ ଏବଂ କନ୍ଧମାଳ ଜିଲ୍ଲାର ଜସମିନ୍ ଦିଗାଲ ଏବଂ ରମେଶ ଚନ୍ଦ୍ର କହଁର ଓ ନୟାଗଡ଼ ଜିଲ୍ଲାର ଚିନ୍ମୟ ରଞ୍ଜନ ଦାସ, ରାୟଗଡ଼ା ଜିଲ୍ଲାର ଲୋକନାଥ ରାକା ପ୍ରମୁଖ ନିଜ ନିଜର ଅଭିଜ୍ଞତା ସମ୍ପର୍କରେ ପ୍ରକାଶ କରିବା ସହିତ ବିଶେଷ କରି ବୃକ୍ଷରୋପଣ ଓ ନିଶାକୁ ନା ଉପରେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ , ବରିଷ୍ଠ ଅଧିକାରୀ ପ୍ରେମଚାନ୍ଦ ଚୌଧୁରୀ, କାର୍ତ୍ତିକେୟନ୍ ପାଣ୍ଡିଆନ୍ , କନ୍ଧମାଳ ଜିଲାପାଳ ଡ ବୃନ୍ଦା, କନ୍ଧମାଳ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କାର୍ଯ୍ୟକ୍ରମର ତଦାରଖ କରିଥିଲେ।

ମାର୍ଚ୍ଚ ସୁଦ୍ଧା ୨୧ଲକ୍ଷ...

ଚାଷୀଙ୍କ ଆକାଉଣ୍ଟକୁ ଯାଇସାରିଛି। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି କୃଷିମନ୍ତ୍ରୀ ଶଶିଭୂଷଣ ବେହେରା ସୂଚନା ଦେଇସାରିଛନ୍ତି। କୃଷକମାନଙ୍କୁ ରୁପେ ଡେବିଟ୍ କାର୍ଡ ଦିଆଗଲେ କୌଣସି ଚାଷୀ ଆଉ ଋଣ କରିବା ଆବଶ୍ୟକ ହେବନାହିଁ। ଫଳରେ ସବୁ ଚାଷୀ ଉତ୍ପାଦ ବଢ଼ାଇବାରେ ସହଜସାଧ୍ୟ ହେବାସହ ସେମାନଙ୍କର ଆର୍ଥିକ ଉନ୍ନତି ହୋଇପାରିବ।

ତେଲେଙ୍ଗାନାରୁ...

ଲେଖାଏଁ ଦେଇଥିଲା। ସେଠାରେ ସେମାନଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଦଲାଲ୍ କହିଥିଲା। କାରଲାଚିଲାରେ ଏମାନେ ସମସ୍ତେ ଅରିଫ ନାମକ ଜଣେ ଇଟାଭାଟି ମାଲିକଙ୍କ ପାଖରେ କାମ କରୁଥିଲେ। କିନ୍ତୁ ନିୟମିତ ଭାବେ ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି ଉଦ୍ଧାର ହୋଇଥିବା ଶ୍ରମିକମାନେ କହିଛନ୍ତି। ପ୍ରତିଦିନ ଗୋଟାଏ ପରିବାର ୪ ରୁ ୫ ହଜାର ଇଟା ଗଢୁଥିଲେ। ଦିନ ରାତି କାମ କରିବାକୁ ବାଧ୍ୟ କରାଯାଉଥିଲା। ଦେହ ଖରାପ ଥିଲେ ମଧ୍ୟ ଜୋର ଜବରଦସ୍ତ କାମ କରାଯାଉଥିଲା। ନଚେତ ନିସ୍ଠୁର ମାଡ଼ ମରାଯାଉଥିଲା। ସପ୍ତାହକୁ ମାତ୍ର ୧୦୦ ରୁ ୧୫୦ ଟଙ୍କା ଦିଆଯାଉଥିଲା। ଖାଇବାକୁ ମଧ୍ୟ ଠିକ୍ ଭାବେ ପାଉନଥିଲେ। ତେବେ କୌଣସି ପ୍ରକାରେ ସେମାନେ ବଲାଙ୍ଗିରର ଜଣେ ବ୍ୟକ୍ତିଙ୍କ ସହ ଫୋନରେ ଯୋଗାଯୋଗ କରିଥିଲେ। ସେହି ବ୍ୟକ୍ତିଜଣଙ୍କ ତେଲେଙ୍ଗାନାରେ ଥିବା କୁମାର ସ୍ୱାମୀ ନାମକ ଜଣେ ସ୍ୱେଚ୍ଛାସେବୀଙ୍କ ସହିତ ଯୋଗାଯୋଗ କରିଥିଲେ। ମାନବିକ ଅଧିକାରକୁ ନେଇ କାମ କରୁଥିବା ଏକ ସଙ୍ଗଠନ ଜରିଆରେ ଏମାନଙ୍କୁ ଉଦ୍ଧାର କରାଯାଇଥିଲା। ଗତ ଶୁକ୍ରବାର ଦିନ ମାଲିକ ସମସ୍ତଙ୍କୁ ରାମକୁଣ୍ଡା ନାମକ ଏକ ଷ୍ଟେସନକୁ ନେଇଥିଲା। ସେଠାରେ ସମସ୍ତଙ୍କୁ ପ୍ରବଳ ମାଡ଼ ମରାଯାଇଥିଲା ବୋଲି ଚେତନ କହିଛନ୍ତି। ତମେ କାହିଁକି ମୋ ସମ୍ପର୍କରେ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଜଣାଇଲ ବୋଲି କହି ମାଲିକ ଆରିଫ ମାଡ଼ ମାରିଥିଲା । ତେବେ ସେଠାରୁ ସେମାନଙ୍କୁ ଟ୍ରେନ୍‌ରେ ବସାଇଦେଇଥିଲା। ଟ୍ରେନ୍‌ରେ ସେମାନେ ରାମକୁଣ୍ଡାରୁ କାଜିପେଟକୁ ଆସିଥିଲେ। କାଜିପେଟରୁ ବିଜୟୱାଡ଼ା ଆସିଥିଲେ। ବିଜୟୱାଡ଼ାରେ କୁମାର ସ୍ୱାମୀଙ୍କ ସହିତ ଶ୍ରମିକମାନଙ୍କ ସାକ୍ଷାତ ହୋଇଥିଲା । କୁମାର ସ୍ୱାମୀ ଖାଇବା ପାଇଁ ସେଠାରେ ଏମାନଙ୍କୁ ଆର୍ଥିକ ସାହାଯ୍ୟ କରିଥିଲେ। ବିଜୟୱାଡ଼ାରୁ ଆସି ଶନିବାର ରାତି ସାଢ଼େ ୯ ଟାରେ ସମସ୍ତେ ରାୟଗଡ଼ାରେ ପହଞ୍ଚିଥିଲେ। ରାୟଗଡ଼ାରେ ସେମାନଙ୍କ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିଲା। ଆଜି ରାୟଗଡ଼ା ରେଲୱେ ପୁଲିସର କନଷ୍ଟେବଳ ଦାମୋଦର ପାତ୍ର ସମସ୍ତଙ୍କୁ ନେଇ ଟ୍ରେନରେ ବଲାଙ୍ଗିରରେ ଆସି ପହଞ୍ଚିଥିଲେ।

ବଲାଙ୍ଗିରରେ ଉଦ୍ଧାର ହୋଇଥିବା ସମସ୍ତ ଶ୍ରମିକଙ୍କୁ ରେଲୱେ ପୁଲିସକୁ ହସ୍ତାନ୍ତର କରାଯାଇଛି। ଉଦ୍ଧାର ହୋଇଥିବା ଶ୍ରମିକମାନେ ରେଳଷ୍ଟେସନରେ ପହଞ୍ଚିବା ସମୟରେ ଜିଲ୍ଲା ପ୍ରଶାସନ କିମ୍ବା ଶ୍ରମ ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥିଲେ। ତେବେ ଉଦ୍ଧାର ହୋଇଥିବା ଶ୍ରମିକମାନେ ଆମେ ଅଉ ଦାଦନ ଖଟିବାକୁ ଯିବୁନାହିଁ , ଜିଲ୍ଲା ପ୍ରଶାସନ ଏଠାରେ ଆମକୁ କାମ ଯୋଗାଇ ଦେଉ ବୋଲି କହିଛନ୍ତି।

ଗଡ଼କୋକଲ ଓ ପଞ୍ଚୁପଲ୍ଲାରେ ଭୟାବହ ଅଗ୍ନିକାଣ୍ଡ

ଜଳିଗଲା ୨୫ ବଖରା , କାନ୍ଥପଡ଼ି ୨ ଆହତ

ବ୍ରହ୍ମଗିରି,ଡେଲାଙ୍ଗ,୧୦।୨/ଏନ୍ଏନ୍ଏସ୍: ଆଜି ସବୁଠି ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ଆରାଧନା ଚାଲିଥିବାବେଳେ ବ୍ରହ୍ମଗିରି ବ୍ଲକ୍ ଗଡ଼କୋକଲ ଏବଂ ଡେଲାଙ୍ଗ ବ୍ଲକ୍ ଗୁଆଳିପଡ଼ା ପଞ୍ଚାୟତ ଅନ୍ତର୍ଗତ ମଡ଼ ପଞ୍ଚୁପଲ୍ଲା ଗ୍ରାମରେରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୧୪ ପରିବାରର ମୋଟ ୨୫ ବଖରା ଘର ଜଳିଯାଇଥିବାବେଳେ ପଞ୍ଚୁପଲ୍ଲାରେ କାନ୍ଥପଡ଼ି ୨ ଜଣ ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ଗଡ଼କୋକଲ ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡରେ ୭ ପରିବାରର ୧୪ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ଯାଇଥିବା ଜଣାପଡ଼ିଛି। ଦୀର୍ଘସମୟ ଧରି ଅକ୍ଲାନ୍ତ ପରିଶ୍ରମ କରିବା ପରେ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଛି। ଖବର ନେବାରେ ଜଣାପଡ଼ିଛି, ଆଜି ଦିପହରରେ ବ୍ରହ୍ମଗିରି ବ୍ଲକ୍ ଗଡ଼କୋକଲ ଗାଁର ହରେକୃଷ୍ଣ ବେହେରାଙ୍କ ଘରେ ହଠାତ୍ ନିଆଁ ଲାଗି ତାଙ୍କର ଦୁଇ ବଖରା ଘର ଜଳି ଯାଇଥିଲା। ପରେ ନିଆଁ ବ୍ୟାପୀଯାଇ ଗୁରୁବାରି ବେହେରାଙ୍କ ୨ ବଖରା, ବୈରାଗୀ ବେହେରାଙ୍କ ୩ ବଖରା, କାଳୁ ବେହେରାଙ୍କ ୨ ବଖରା, ନାରାୟଣ ବେହେରାଙ୍କ ଏକ ବଖରା, ଭରତ ବେହେରାଙ୍କ ୨ ବଖରା ଓ ଅଭିରାମ ବେହେରାଙ୍କ ୨ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଗାଁ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବାବେଳେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ୧୮ କିଲୋମିଟର ଦୂର ବ୍ରହ୍ମଗିରିରୁ ଦମକଳ ବାହିନୀ ଯାଇ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ନିଆଁର ଆଁରେ ୭ ପରିବାରର ୧୪ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ବାକି ଜଳୁଥିବା ନିଆଁକୁ ଦମକଳ ବାହିନୀ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ୫ରୁ ୭ ଲକ୍ଷ ଟଙ୍କାର ସମ୍ପତି ପୋଡ଼ି ଯାଇଥିବା ଦମକଳ ବାହିନୀ ଆକଳନ କରିଛି। ଅଗ୍ନିକାଣ୍ଡରେ ଧାନ, ଚାଉଳ, ଆସବାବପତ୍ର ଆଦି ପୋଡ଼ି ଯାଇଥିବାବେଳେ ସ୍କୁଲ ଓ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ବହିଖାତା ମଧ୍ୟ ପୋଡ଼ିଯାଇଛି। ଖବରପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଥିବାବେଳେ ସରପଞ୍ଚ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। କିନ୍ତୁ ସନ୍ଧ୍ୟା ସୁଦ୍ଧା ବିପନ୍ନଙ୍କ ନିକଟରେ ସେଭଳି କିଛି ସହାୟତା ପହଞ୍ଚି ନଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର କରାଣ ଅସ୍ପଷ୍ଟ ରହିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ସଞ୍ଜୟ କୁମାର ଦାସବର୍ମା ଓ ବ୍ରହ୍ମଗିରି ବିଡିଓ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ସମବେଦନା ଜଣାଇବା ସହ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇ ଫେରିଛନ୍ତି।

ସେହିପରି ପଞ୍ଚୁପଲ୍ଲା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୭ ପରିବାରର ୧୧ ବଖରା ଘର ଭସ୍ମୀଭୂତ ହୋଇଛି। ଏଥିସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡ ସମୟରେ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ୨ ଜଣ ବ୍ୟକ୍ତିଙ୍କ ଉପରେ କାନ୍ଥ ପଡ଼ିଯିବାରୁ ସେମାନେ ଗୁରୁତର ଭାବେ ଆହତ ହୋଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନାନୁଯାୟୀ, ମଡ଼ ପଞ୍ଚୁପଲ୍ଲା ଗ୍ରାମର ଦେବରାଜ ସାହୁଙ୍କ ଘରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିବା ସହ ପଡ଼ୋଶୀଙ୍କ ଘରକୁ ବ୍ୟାପୀ ଯାଇଥିଲା। ଏହି ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବାବେଳେ ଗୁଆଳିପଡ଼ା ଗ୍ରାମର ପୀତବାସ ଛାଟୋଇ ଓ ନକୁଳ ସାହୁଙ୍କ ଉପରେ କାନ୍ଥ ମାଡ଼ି ବସିବାରୁ ସେମାନଙ୍କ ଡାହଣ ଗୋଡ଼ରେ ଅଘାତ ଲାଗିଛି। ଖବର ପାଇ ଦମକଳ ବହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଦେବରାଜ ସାହୁଙ୍କ ୩ ବଖରା, ରୁପେନ୍ଦ୍ର ସାହୁ ୨ ବଖରା, କବିର ସାହୁ ୨ ବଖରା ସମେତ ରବୀନ୍ଦ୍ର ସାହୁ, ବ୍ରହ୍ମାନନ ସାହୁ, ଦୁର୍ଯ୍ୟୋଧନ ସାହୁ ଓ ନକୁଳ ସାହୁଙ୍କ ୧ ବଖରା ଲେଖାଏଁ ଘର ପୋଡ଼ିଯାଇଛି। ଏଥିଯୋଗୁଁ ଘରେ ଥିବା ଆସବାବପତ୍ର, ଖାଦ୍ୟ ସାମଗ୍ରୀ, ଲୁଗାପଟା ସମେତ ଦରକାରୀ କାଗଜପତ୍ର ଓ ଟଙ୍କା ପଇସା ପୋଡ଼ି ପାଉଁଶ ହୋଇଯାଇଥିବା ଜଣାପଡ଼ିଛି। ଅଗ୍ନିଶମ ବିଭାଗର ହାବିଲଦାର ଜୟରାମ ସାହୁ, ରଞ୍ଜନ କୁମାର ଭୋଇ ସଦଳବଳ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଆହତମାନଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁଆଳିପଡ଼ା ସରପଞ୍ଚ କାଳନ୍ଦୀଚରଣ ଜେନା ଓ ସମିତି ସଭ୍ୟ ବାସୁଦେବ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇବା ସହ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ତହସିଲ ପ୍ରଶାସନକୁ ନିବେଦନ କରିଛନ୍ତି।

୪ କୋଟିର ଗଞ୍ଜେଇ ଜବତ



ଗୁଣପୁର,୧୦।୨/ଏନ୍ଏନ୍ଏସ୍: ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଚାଲାଣ ବେଳେ ରାୟଗଡ଼ା ଜିଲା ପଦ୍ମପୁର ପୁଲିସ୍ ନୂଆଗଡ଼ ପଞ୍ଚାୟତର ବିରମା ଗ୍ରାମ ନିକଟରୁ ଏହାକୁ ଜବତ କରିବା ସହ ଜଣକୁ ଗିରଫ କରିଛି। ୩ଟି ଗାଡ଼ି ଜବତ କରାଯାଇଥିବା ବେଳେ ଏଥିରେ ସମ୍ପୃକ୍ତ ୨ଜଣ ଫେରାର୍ ହୋଇଯାଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ପଦ୍ମପୁର ରାସ୍ତା ଦେଇ ବ୍ୟାପକ ମାତ୍ରାରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ଏହାକୁ ଆଧାର କରି ପଦ୍ମପୁର ବ୍ଲକ୍ ନୂଆଗଡ଼ ପଞ୍ଚାୟତର ବିରମା ଗ୍ରାମ ନିକଟରେ ପୁଲିସର ଏକ ସ୍ୱତନ୍ତ୍ର ଦଳ ଅପେକ୍ଷା କରି ରହିଥିଲା। ଏହି ରାସ୍ତାଦେଇ ଆସୁଥିବା ଏକ ପିକ୍ଅପ୍ ଭ୍ୟାନ୍‌ଟିକୁ(ଓଡ଼-ଓଆର୍ ୫ ଏକେ ୩୧୮୩) ପୁଲିସ ଅଟକାଇ ଯାଞ୍ଚ କରିଥିଲେ। ପିକଅପ୍ ଭ୍ୟାନ ଭିତରେ ୧୬ଟି ବସ୍ତାରେ ଗଞ୍ଜେଇ ରଖାଯାଇଥିବା ପୁଲିସ ଦେଖିବାକୁ ପାଇଥିଲା। ଯାଞ୍ଚ ବେଳେ ପିକଅପ୍ ଭ୍ୟାନର ଡ୍ରାଇଭର୍ ପୁଲିସକୁ ଚକମା ଦେଇ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିଲା। ତେବେ ଗାଡ଼ି ମଧ୍ୟରେ ବସିଥିବା ଗୁଇବନ୍ଧା ଗ୍ରାମର ମିଟୁ ମାଝୀଙ୍କୁ ପୁଲିସ ଗିରଫ କରିଥିଲା। ଅନ୍ୟପଟେ ଏହି ପିକ୍ଅପ୍ ଭ୍ୟାନ ସହ ଦୁଇଟି ଗାଡ଼ିରେ ୨ଜଣ ଆସୁଥିଲେ। ଉଭୟେ ପୁଲିସକୁ ଚକ୍‌ମା ଦେଇ କୌଶଳକ୍ରମେ ସେଠାରୁ ବାଇକକୁ ଛାଡ଼ି ପଳାଇଥିଲେ । ପରେ ଦୁଇଟି ବାଇକ୍, ଗୋଟିଏ ପିକଅପ୍ ଭ୍ୟାନ ସହ ମିଟୁ ମାଝୀକୁ ପଦ୍ମପୁର ଥାନାକୁ ପୁଲିସ୍ ଆଣିଥିଲେ। ଜବତ ହୋଇଥିବା ୪୭୦କେଜି ୮୭୫ ଗ୍ରାମ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପଦ୍ମପୁର ଥାନା ଆଇଆଇସି ଜୟଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ପଦ୍ମପୁର ତହସିଲଦାର ନୀଳମାଧବ ମାଝୀ ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିବା ବେଳେ ଏହି ଚଢ଼ାଉ ବେଳେ କେନ୍ଦୁଗୁଡ଼ା ଥାନା ଅଧିକାରୀ ଗିରଶ ଚନ୍ଦ୍ର ମହାରଣା, ପଦ୍ମପୁର ଥାନା ଏସ୍ଆଇ ବିକେ ଭୁୟାଁ, ପୁରୁଷୋତ୍ତମ ଜାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଗିରଫ ପରେ ମିଟୁ ମାଝୀଙ୍କୁ ପୁଲିସ ଗୁଣପୁର କୋର୍ଟକୁ ଚାଲାଣ କରିଛି।

ହେବ ବୋଲି ପଦ୍ମପୁର ଥାନା ଆଇଆଇସି ଜୟଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଅନ୍ୟପକ୍ଷେ ପଦ୍ମପୁର ତହସିଲଦାର ନୀଳମାଧବ ମାଝୀ ମାଜିଷ୍ଟ୍ରେଟ୍ ଭାବେ ଉପସ୍ଥିତ ଥିବା ବେଳେ ଏହି ଚଢ଼ାଉ ବେଳେ କେନ୍ଦୁଗୁଡ଼ା ଥାନା ଅଧିକାରୀ ଗିରଶ ଚନ୍ଦ୍ର ମହାରଣା, ପଦ୍ମପୁର ଥାନା ଏସ୍ଆଇ ବିକେ ଭୁୟାଁ, ପୁରୁଷୋତ୍ତମ ଜାନୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଗିରଫ ପରେ ମିଟୁ ମାଝୀକୁ ପୁଲିସ ଗୁଣପୁର କୋର୍ଟକୁ ଚାଲାଣ କରିଛି।

ଗଡ଼ିଲା ପୁରୀ-ବଡ଼ବିଲ-ରାଉରକେଲା ଇଣ୍ଟରସିଟି

ରାଉରକେଲା,୧୦।୨/ଏନ୍ଏନ୍ଏସ୍: ରବିବାର ପୁରୀ- ବଡ଼ବିଲ- ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ ହୋଇଛି। ଏ ନେଇ ସହରବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ପୂର୍ବରୁ ବଡ଼ବିଲକୁ ଯାଉଥିବା ଏହି ଟ୍ରେନ୍‌କୁ ରାଉରକେଲା ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇଛି। ପ୍ରତ୍ୟେକ ଦିନ ଭୋର ସାଢ଼େ ଚାରିଟାରୁ ଏହା ରାଉରକେଲା ଷ୍ଟେସନରୁ ମନୋହରପୁର, ଚକ୍ରଧରପୁର, ଚାଇଁବାସା ଦେଇ ବଡ଼ିବଲ, ଯାଜପୁର ରୋଡ଼ଦେଇ ପୁରୀ ପର୍ଯ୍ୟନ୍ତ ଯିବ। ପୁଣି ତାହା ସେହି ରୁଟ୍ ଦେଇ ରାତି ୧୦ଟାରେ ରାଉରକେଲାରେ ପହଞ୍ଚିବ। ସମୟ, ଦୂରତା ଓ ସୁଲଭ ଯାତ୍ରୀ ଭଡ଼ା ଯୋଗୁଁ ରାଉରକେଲାବାସୀ ଉପକୃତ ହେବା ସହିତ ଝାଡ଼ଖଣ୍ଡରେ ଥିବା ଷଢ଼େଇକେଲା, ରାଜଖରସୁଆଁ, ଖରସୁଆଁ ଆଦି ଅଞ୍ଚଳରେ ଥିବା ଓଡ଼ିଆ ଭାଷାଭାଷୀ ଲୋକଙ୍କ ସହ ସମ୍ପର୍କ ସ୍ଥାପିତ ହୋଇପାରିବ। ବ୍ୟବସାୟିକ ଦୃଷ୍ଟିକୋଣରୁ ପଶ୍ଚିମ ଓଡ଼ିଶା ସହ ପୂର୍ବ ଓଡ଼ିଶାର ସିଧାସଳଖ ସଂଯୋଗ ହୋଇ ପାରିବ। ଏ ନେଇ ପାନପୋଷ ସାଂଗଠନିକ ଜିଲ୍ଲା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରେଳମନ୍ତ୍ରୀ ପୀୟୁଷ ଗୋୟଲ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଦିଆଯାଇଛି। ବିଜେପିର ବରିଷ୍ଠ ନେତା କିଷନ୍ ସାହୁ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଜେପି ରାଜ୍ୟ ସମ୍ପାଦକ ଧୀରେନ ସେନାପତି, ବିଜେପି ଜିଲ୍ଲା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ନିହାର ରାୟ, ଭଗବାନ ରାଉତ, ବିନ୍ଦର ସିଂ ସମେତ ବହୁ ସଂଖ୍ୟାରେ ବିଜେପି କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଏହି ଟ୍ରେନ୍ ନମ୍ବର ବଡ଼ବିଲ ପର୍ଯ୍ୟନ୍ତ ୧୮୪୧୬ରେ ଆସି ରାଉରକେଲା ପର୍ଯ୍ୟନ୍ତ ଟ୍ରେନ ନମ୍ବରରେ୧୮୪୦୪ରେ ଆସିବ ବୋଲି ଜଣାପଡ଼ିଛି।

୨୦୦୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ଚନ୍ଦ୍ରଶେଖରପୁର,୧୦।୨/ଏନ୍ଏନ୍ଏସ୍: ବାମନାଳ ଉଚ୍ଚବିଦ୍ୟାଳୟର ୨୦୦୨ ବ୍ୟାଚ୍‌ର ଛାତ୍ରଛାତ୍ରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ସ୍କୁଲ ପରିସରରେ ଏକ ବନ୍ଧୁମିଳନର ଆୟୋଜନ କରିଥିଲେ। ଏଥିରେ ସ୍କୁଲର ପ୍ରଧାନ ଶିକ୍ଷକ ମାଧବାନନ୍ଦ ବାଘ, ସଞ୍ଜୀବ କୁମାର ମହାନ୍ତି, ଗଙ୍ଗାଧର ପାଇକରାୟ, ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ଦାଶ, ବ୍ରଜକିଶୋର ଦାଶ, ରମେଶ ଚନ୍ଦ୍ର ଶ୍ରୀଚନ୍ଦନଙ୍କ ସହ ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ। ଏହି ବନ୍ଧୁମିଳନକୁ ଛାତ୍ର ପ୍ରସନ୍ନ କୁମାର ପାଣି, ଛବିଳ ବେହେରା, ରଜତ୍ କୁମାର ପାଣି, ବିଷ୍ଣୁପ୍ରସାଦ ବରାଳ, ରଞ୍ଜନ କୁମାର ବେହେରା, ବନ୍ଦନା ଦାଶ,ଜ୍ୟୋସ୍ନାରାଣୀ ପଣ୍ଡା, ମିନତି ଭୋଇ, ସସ୍ମିତା ବରାଳ, ଅର୍ଚ୍ଚନା ଦାଶ ପ୍ରମୁଖ ପରିଚାଳନା କରିଥିଲେ। ସେମାନେ ସମସ୍ତେ ନିଜ ସ୍କୁଲର ଉନ୍ନତି ପାଇଁ ଶପଥ ନେବା ସହ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ସାମାଜିକ କର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ।

'ଜାଗ ଓଡ଼ିଶା ଜାଗ'ର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୧୦।୨/ଏନ୍ଏନ୍ଏସ୍: ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜାଗ ଓଡ଼ିଶା ଜାଗର ତୃତୀୟ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କୋଣାର୍କନଗରସ୍ଥିତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉପସଭାପତି ପ୍ରଭାତ କୁମାର ମିଶ୍ର, ନିର୍ଦ୍ଦେଶକ ସତ୍ୟବାଦୀ ବଳିଆରସିଂହ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, ଡ. ବୃନ୍ଦାବନ ପଣ୍ଡା, ମଥୁରାନନ୍ଦ ସୁବୁଦ୍ଧି, ସନ୍ତୋଷ କୁମାର ପଣ୍ଡା, ଦେବବ୍ରତ ଆଚାର୍ଯ୍ୟ, ଇତିଶ୍ରୀ ସାହୁ, ସମ୍ପାଦକ ସୁଜାତା ଦାସ ପ୍ରମୁଖ ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ବାର୍ଷିକ ଉତ୍ସବ ପାଳନ ନିମନ୍ତେ ନିଜ ନିଜର ମତ ରଖିଥିଲେ। ଆସନ୍ତା ମାର୍ଚ୍ଚ ୨୯ ତାରିଖରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଥିବାବେଳେ ଏଥିରେ ପ୍ରତିଭା ସମ୍ମାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

ବାଲୁଗାଁରେ ୫୦ରୁ ଊର୍ଦ୍ଧ୍ୱ ଜଣ୍ଡିସରେ ଆକ୍ରାନ୍ତ

ବସ୍ ଷ୍ଟପ
BUS STOP
ବାଲୁଗାଁ
BALUGAON

ନୟାଗଡ଼,୧୦।୨/ଏନ୍ଏନ୍ଏସ୍: ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ଲୋକ ଜଣ୍ଡିସ୍ ଦ୍ୱାରା ଆକ୍ରନ୍ତ ହୋଇଥିବା ଜଣାପଡ଼ିଛି। ଦୂଷିତ ପାନୀୟଜଳ ପାଇଁ ଜଣ୍ଡିସ୍ ବ୍ୟାପିଥିବା ଆଲୋଚନା ହେଉଥିବା ବେଳେ ଏହାର ସଠିକ୍ କାରଣ ସାମ୍ନାକୁ ଆସିନାହିଁ। ସୂଚନାନୁଯାୟୀ ନୟାଗଡ଼ ବ୍ଲକ୍ ଅନ୍ତର୍ଗତ କ୍ରିଦାଶପୁର ପଞ୍ଚାୟତରେ ପ୍ରଥମେ ଜଣ୍ଡିସ ବ୍ୟାପିଥିବାବେଳେ ପରେ ଶରଧାପୁର ଏବଂ ବର୍ତ୍ତମାନ ବାଲୁଗାଁ ପଞ୍ଚାୟତରେ ଏହି ରୋଗ ପହଞ୍ଚିଛି। ଗ୍ରାମର ବିଭିନ୍ନ ଲୋକ ଏହି ରୋଗ ଆକ୍ରାନ୍ତ ଥିବାବେଳେ ଆକ୍ରନ୍ତଙ୍କ ସଂଖ୍ୟା ଏବେ ୫୦ରେ ପହଞ୍ଚିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଗ୍ରାମର ଗଡ଼ ଭିତର ସାହି, କ୍ଲବ୍ ସାହି, ବଣିଆ ସାହିରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ବୋଲି ଜଣାପଡ଼ିଛି। କ୍ଲବସାହିର ବର୍ଷାରାଣୀ ଦାଶ ୧୫ ଦିନ ହେବ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ଦିନବନ୍ଧୁ ନାୟକ ଓ ସରୋଜୀନି ମହାନ୍ତି ୭ ଦିନ ହେବ ଜଣ୍ଡିସରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ସେହିଭଳି ବଣିଆ ସାହିର ସାବିତ୍ରୀ ପୃଷ୍ଟି, ରଞ୍ଜୀତ ବେହେରା, ଆଭା ଦଳବେହେରା, ପ୍ରଭାତ ଦଳବେହେରା, କେଶବ ଚନ୍ଦ୍ର ଦଳବେହେରା, ପୁଷ୍ପାଞ୍ଜଳି ପ୍ରଧାନ, ରାକେଶ ପ୍ରଧାନ, ଶଙ୍କର୍ଷଣ ଦଳବେହେରା ମଧ୍ୟ ଆକ୍ରାନ୍ତ ହୋଇଛନ୍ତି। ଏହିପରି ବାଲୁଗାଁ ପଞ୍ଚାୟତର କ୍ଷେତ୍ରପଡ଼ା, ପାଣିପୋଇଲା, କଣ୍ଟାବଣିଆ, ଜୟମଙ୍ଗଳପ୍ରସାଦ ଆଦି ଗ୍ରାମର ଲୋକେ ମଧ୍ୟ ଜଣ୍ଡିସ ଦ୍ୱାରା ଆକ୍ରାନ୍ତ ହୋଇଥିବା ଅଙ୍ଗନବାଡ଼ି କର୍ମୀ ସୂଚନା ଦେଇଛନ୍ତି। ନଦୀ ନିକଟରେ ଥିବା ପାନୀୟଜଳ ପ୍ରକଳ୍ପରୁ ଗ୍ରାମଗୁଡ଼ିକୁ ପାନୀୟଜଳ ଯୋଗାଣ ହେଉଥିବାବେଳେ କୌଣସି କାରଣରୁ ଏହି ପାଣି ଖରାପ ହେବା ସହ ଏହାଦ୍ୱାରା ଜଣ୍ଡିସ ବ୍ୟାପୁଥିବା ସାଧାରଣରେ ଆଲୋଚନା ହେଉଛି। ଦୀର୍ଘଦିନ ହେବ ଏହି ପାଇପଗୁଡ଼ିକୁ ବଦଳା ଯାଇନଥିବାରୁ ଅଥବା ଏହି ପାନୀୟ ଜଳରେ କିଛି ମରିପଡ଼ି ଥିବାରୁ ପାଣି ଦୂଷିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ସଜ୍କ୍ରାନ୍ତ ଅଞ୍ଚଳମାନଙ୍କରେ ବଡ଼ ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଔଷଧ ବଣ୍ଟନ କରାଯାଇଥିବା ବେଳେ ଲୋକମାନଙ୍କୁ ସଚେତନତା କରାଯାଇଥିବା ଜଣାଯାଇଛି। ଏଥିରେ ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ଲୋକମାନଙ୍କୁ ପାଣି ଫୁଟାଇ ପିଇବାକୁ ସୂଚନା ଦେଇଥିଲେ। ଅପରପକ୍ଷରେ ବାଲୁଗାଁରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଦୀର୍ଘଦିନ ହେବ ସେଠାରେ କୌଣସି ଡାକ୍ତର ନଥିବାରୁ ସ୍ଥାନୀୟ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ଜଣେ ଆୟୁଷ ଡାକ୍ତର ଏଠାରେ ନିଯୁକ୍ତି ହୋଇଥିବା ବେଳେ ସେ ହୋମିଓପାଥିକ୍ ବୋଲି ଜଣାପଡ଼ିଛି। ତେଣୁ ରୋଗୀଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର ହେବାକୁ ପଡୁଛି। ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ।